# Akashvani, Sambalpur

## SAMBALPURI NEWS EVENING BULLETIN

**16 October 2025- 7.02 pm- 7.12 pm.**

*********************************************

୧- ନୂଆପଡ଼ାର୍ ଖରିଆର ରୋଡ୍‌ଠାନେ ବିଜେପିର୍ ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍‌ଦେଲେ ମୁଖ୍ୟମନ୍ତ୍ରୀ ।

-ନୂଆପଡ଼ା ଉପନିର୍ବାଚନ ଲାଗି ଆଏଜ୍ ୫ନେ ସ୍ୱାଧୀନ୍ ପ୍ରାର୍ଥୀ ଦାଖଲ କଲେ ନାମାଙ୍କନ ।

୨- ରାଜ୍ୟ ସରକାରୀ କର୍ମଚାରୀମାନ୍‌କର ମହଙ୍ଗା ଭତା ବଢ଼୍‌ଲା ୩ ପ୍ରତିଶତ୍ ।

୩- ସମ୍‌କର୍ ଲାଗି ଖାଦ୍ୟ ନିରାପତାର୍ ଗୁରୁତ୍ୱକେ ନଜର୍‌ଥି ରଖିକରିଆଏଜ୍ ପାଲନ୍ ହଉଛେ ବିଶ୍ୱ ଖାଦ୍ୟ ଦିବସ୍ ।

ଆଉର୍

୪- ଦେଶୁ ପୁରାପୁରି ଭାବେ ଫିର୍‌ଲା ଦକ୍ଷିଣଁ-ପଶ୍ଚିମ ମୌସୁମୀ ବାୟୁ ।

ନୂଆପଡ଼ା ଉପନିର୍ବାଚନ ନୂଆପଡ଼ା ସମ୍ବାଦଦାତା

ନୂଆ ସରକାରଠୁ ରାଏଜେ ବିକାଶ ପ୍ରକ୍ରିୟା ଜୋର୍‌ରେ ଚାଲିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ନୂଆପଡ଼ା ବିଧାନସଭା ଉପନିର୍ବାଚନ ଆଗୋନୁ ଆଏଜ୍ ଜିଲ୍ଲାର ଖରିଆର ରୋଡ୍‌ଠାନେ ହେଇଥିବା ବିଜୟ ସଂକଳ୍ପ ସମାବେଶ ଆଉ ମିଶ୍ରଣ ପର୍ବଠୁ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଜିଲ୍ଲାର ବିକାଶ ଲାଗି ସରକାର ଏବ୍‌ତକ ୧୧ ଶହ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ । ରାଏଜେ ସୁଭଦ୍ରା ଯୋଜ୍‌ନାଠୁ ୧ କୋଟିନୁ ଅଏତ୍‌କା ମହିଲା ଉପକୃତ୍ ହେଇଥିଲା ବେଲ୍‌କେ ନୂଆପଡ଼ା ଜିଲ୍ଲାନୁ ୧ ଲାଖ୍ ୫୫ ହଜାର ମହିଲା ହିତାଧିକାରୀ ଲାଭ୍ ପାଇଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍...

(ଭଏସ୍----ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ଆଏଜ୍ ପ୍ରଚାର କାର୍ଯ୍ୟକ୍ରମ୍‌ଠୁ ଯୋଗ୍ ଦେଇକରି ଦଲର୍ ପ୍ରାର୍ଥୀ ଜୟ ଢୋଲକିଆଙ୍କର ଲାଗି ପ୍ରଚାର କରିଛନ୍ । ଆଏବା ୧୮ ତାରିଖ୍ ଶନିବାର ଦିନ ଜୟ ଢୋଲକିଆ ନାମାଙ୍କନ ପତ୍ର ଦାଖଲ କର୍‌ବେ ବଲି ଜନାପଡ଼ିଛେ । ସମାବେଶ୍‌ଠୁ ଦଲର ଜାତୀୟ ପ୍ରଭାରୀ ବିଜୟପାଲ୍ ସିଂହ ତୋମାର, ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହେତେ ରାଜସ୍ୱ ମନ୍ତ୍ରୀ, ପଂଚାୟତିରାଜ ମନ୍ତ୍ରୀ, ଖାଦ୍ୟ ଯୋଗଣ ମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଆଉ ସାଂସଦ, ବିଧାୟକ୍‌ମାନେ ଉପସ୍ଥିତ ଥିଲେ ।

ସେଆଡ଼େ ନୂଆପଡ଼ା ଉପନିର୍ବାଚନ ଲାଗି ବିଜେପି ତରଫ୍ରୁ ଷ୍ଟାର୍ ପ୍ରଚାରକ ତାଲିକା ବାହାର କରାଯାଇଛେ । ତାଲିକାଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ସହେତେ ରେଲ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ବିଜୟପାଲ୍ ସିଂହ ତୋମାର, ଲତା ଉସେଣ୍ଡି, ଦୁହି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଉ ପ୍ରଭାତି ପରିଡ଼ା ସାମିଲ ଅଛନ୍ ।

ନୂଆପଡ଼ା ଉପନିର୍ବାଚନ-ନାମାଙ୍କନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଉପନିର୍ବାଚନର୍ ନାମାଙ୍କନ ଦାଖଲ୍ର ୪ ନମ୍ବର ଦିନେ ଆଏଜ୍ ଆଉ ଦୁଇଟା ନାମାଙ୍କନ ପତ୍ର ବିକ୍ରି ହେଇଥିଲା ବେଲ୍କେ ୫ନେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ । ଜିଲ୍ଲା ରିଟର୍ନିଂ ଅଧିକାରୀ ଶୁର୍ମି ସୋରେନ୍ଙ୍କ ସୂଚ୍ନା ଅନ୍ସାରେ ଉପ ନିର୍ବାଚନ୍ ଲାଗି ଆଏଜ୍ତକ୍ ମୋଟ୍ ୧୬ଟା ନାମାଙ୍କନ ପତ୍ର ଦାଖଲ୍ ହେଇଛେ । ଆଶ୍ରୟ ମହାନନ୍ଦ ଆଏଜ୍ ସ୍ୱାଧୀନ୍ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ୍ କରିଛନ୍ ।

ମହଙ୍ଗା ଭତା ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସରକାର- ସରକାରୀ କର୍ମଚାରୀମାନ୍‌କର ମହଙ୍ଗା ଭତା ଆଏଜ୍ ୩ ପ୍ରତିଶତ ବଢ଼େଇଛନ୍ । ଇ ବଛର୍ ଜୁଲାଇ ୧ ତାରିଖ୍‌ନୁ ଇ ବର୍ଦ୍ଧିତ୍ ଭତା ଲାଗୁ ହେବା ଆଉ ଇ ମାସର୍ ଦରମାଥି ନଗଦ୍ ଆକାରେ ମିଲ୍‌ବା । ସରକାରଙ୍କ ଇ ପଦ୍‌କ୍ଷେପ ସହେତେ ଇହାଦେ ରାଜ୍ୟ ସରକାରୀ କର୍ମଚାରୀମାନ୍‌କର ମହଙ୍ଗା ଭତା ୫୫ ପ୍ରତିଶତନୁ ୫୮ ପ୍ରତିଶତ୍‌କେ ବଢ଼ିଛେ । ସରକାରୀ କର୍ମଚାରୀମାନ୍‌କର ସହେତେ ପେନ୍‌ସନ ଭୋଗୀମାନ୍‌କର ଟି.ଆଇ. ଭିଲ୍ ୩ ପ୍ରତିଶତ୍ ବଢ଼ିଛେ । ଇଟା ଭିଲ୍ ଇ ମାସର ପେନ୍‌ସନ୍‌ଥି ବଢ଼୍‌ତି ଆକାରେ ଦିଆଯିବା । ରାଜ୍ୟ ସରକାରଙ୍କ ଇ ପଦକ୍ଷେପ୍‌ଥି ରାଜ୍ୟର ସାଢ଼େ ୮ ଲାଖ୍ ସରକାରୀ କର୍ମଚାରୀ ଆଉ ପେନ୍‌ସନ ଭୋଗୀ ଉପକୃତ୍ ହେବେ ।

ପୁଲିସ ପେଶାଦାର୍ ପ୍ରତିଯୋଗିତା I&PR

ଓଡ଼ିଶା ପୁଲିସ୍‌ର କ୍ରାଇମ୍ ବ୍ରାଂଚ୍ ଶାଖା ତର୍‌ଫୁ ଆଏଜ୍‌ଠାନୁ କଟକ ରିଜର୍ଭ ପୁଲିସ ପଡ଼ିଆଠାନେ ୭୦ ନମ୍ବର ପୁଲିସ ପେଶାଦାର୍ ପ୍ରତିଯୋଗିତା ମୁଲ୍ ହେଇଛେ । ପୁଲିସ ମହାନିର୍ଦ୍ଦେଶ ୱାଇ.ବି. ଖୁରାନିଆ ଇତାର୍ ଶୁଭାରମ୍ଭ କରି କରି କହିଛନ୍, ଅପରାଧି ନିୟନ୍ତ୍ରଣ ପଦ୍ଧତି ବାବ୍‌ଦେ ଇ ଅବ୍‌ସରେ ତାଲିମ୍ ଦିଆଯିବା । ଇ ବୃତିଗତ ପ୍ରତିଯୋଗିତା

ପୁଲିସ ବାହିନୀର୍ ଦକ୍ଷତା ବଢ଼ାବାରେ ସାହାଜ୍ କର୍ବା ବଲି ଶ୍ରୀ ଖୁରାନିଆ କହିଛନ୍ । ଆଏବା ୧୯ ତାରିଖ୍ତକ୍ ଚାଲ୍ବାର୍କେ ଥିବା ପ୍ରତିଯୋଗିତାଥି ରାଜ୍ୟର୍ ୩୪ଟା ପୁଲିସ ଜିଲ୍ଲାର ଆଉ ପ୍ରତିଷ୍ଠାନ୍ନୁ ୨ ଶହ ୭୩ ପୁଲିସ କର୍ମଚାରୀ, ୪୩ଟା ପୁଲିସ କୁକୁର ଆଉ ତାଙ୍କର ହେଣ୍ଡଲର୍ ଭାଗ୍ ନେଇଛନ୍ । ଇ ଅବ୍ସରେ ତଦନ୍ତ, ଫରେନ୍ସିକ୍, ସାଇବର ଅପରାଧ ଆଉ ଟେକ୍ନିକାଲ୍ ସର୍ଭିଲାନ୍ସ ବିଭାଗ୍ ଲାଗି ଭିନ୍ ଭିନ୍ ପ୍ରତିଯୋଗିତା ହେବା । ଇଥୁ ସଫଲ୍ ହେଇ ସଫଲ୍ ହେଇକରି ପ୍ରତିଯୋଗୀମାନେ ଆଏବା ନଭେମ୍ବର ମାସ ମହାରାଷ୍ଟ୍ର ନ ହେବାର୍କେ ଥିବା ସର୍ବ ଭାରତୀୟ ପୁଲିସ ପେଶାଦାର୍ ପ୍ରତିଯୋଗିତାଥି ଭାଗ୍ ନେବେ ।

ଆକାଶବାଣୀ ଭାଉଚର ବଂଟନ ହି.ସ.

ଭାରତୀୟ ନିର୍ବାଚନ ଆୟୋଗ ତର୍ଫୁ ଦୁରଦର୍ଶନ ଆଉ ଆକାଶବାଣୀଥି ମାହାଲିଆ ପ୍ରସାରଣ ସମିଆ ଲାଗି ଜାତୀୟ ଆଉ ରାଜ୍ୟସ୍ତରୀୟ ଦଲ୍ମାନ୍କୁ ଡିଜିଟାଲ୍ ଭାଉଚର ବଂଟାଯାଇଛେ । ଜନପ୍ରତିନିଧିତ୍ୱ ଆଇନ ୧୯୯୧ର ଧାରା କ' ଅନ୍ସାରେ ନିର୍ବାଚନ ଆୟୋଗ ଇ ବିଧାନ ସଭା ନିର୍ବାଚନ୍ଥି ସ୍ୱୀକୃତି ପାଇଥିବା ଦଲ୍ମାନ୍କୁ ପ୍ରସାରଣ ଲାଗି ସମିଆ ଆବଂଟନ୍ କରିଛନ୍ । ଫି ଖେପେ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କର ତାଲିକା ବାହାର୍ବାର ଉତ୍ରୁ ଭୋଟ୍

ତାରିଖ୍‌ର ଦୁଇଦିନ ଆଗୋତକ୍ ପ୍ରସାରଣ ଅବଧି ସ୍ଥିର୍ କରାଯିବା । ରାଜ୍ୟ ଭିତ୍‌ରେ ଆଂଚଲିକ୍ ନେଟ୍‌ୱ୍ରକ୍‌ଥି ସବୁ ଦଲ୍‌କେ ସମାନ୍ ଭାବେ ସମିଆ ଦେବାର୍‌କେ ଦୁରଦର୍ଶନ୍ ଆଉ ଆକାଶବାଣୀଥି ୪୫ ମିନିଟ୍‌ର ମୁଲ୍ ସମିଆର୍ ମାହାଲିଆ ପ୍ରସାରଣ ସୁବିଧା ଦିଆଯାଇଛେ । ରାଜନୈତିକ୍ ଦଲ୍‌ମାନ୍‌କୁ ପ୍ରାସଙ୍ଗିକ ନିର୍ଦ୍ଦେଶାବଲୀକେ କଡ଼ାକଡ଼ି ଭାବେ ପାଲନ୍ କରି କରି ରେକର୍ଡ୍ଡି ଦାଖଲ୍ କର୍‌ବାର୍‌କେ ପଡ୍‌ବା । ଦଲୀୟ ପ୍ରସାରଣ ଛଡ଼ା ପ୍ରସାର ଭାରତୀ ଦୁରଦର୍ଶନ ଆଉ ଆକାଶବାଣୀ ଲାଗି ଆଲୋଚନା ଆଉ ବିତର୍କର୍ ଆୟୋଜନ୍ କର୍‌ବା ।

ଶିଶୁ ରୋଗୀ-ପାଠାଗାର I&PR

ଚିକିତ୍ସିତ୍ ହଉଥିବା ଶିଶୁ କର୍କଟ ରୋଗୀମାନ୍‌କର ଲାଗି କଟକ ଆଚାର୍ଯ୍ୟ ହରିହର ସ୍ନାତକୋତର କର୍କଟ ରୋଗ ଅନୁଷ୍ଠାନ ତରଫୁ ପାଠାଗାର ବ୍ୟବସ୍ଥା କରାଯାଇଛେ । ଅନୁଷ୍ଠାନ୍‌ର ପୁର୍‌ନା କୁଠା ନ ଇ ପାଠାଗାର ଥାପ୍‌ନା କରାଯାଇଛେ । ପାଠାଗାର ନ ଶିଶୁ ରୋଗୀମାନ୍‌କର ଲାଗି କଥାନୀ ବହି, ଫଟୁ ବହି, ରଙ୍ଗ କର୍‌ବାର୍ ଦରବ୍, ଖେଲ୍‌ଲା ଦରବ୍ ସହେତେ ଡିଜିଟାଲ୍ ଶିକ୍ଷଣ ଦରବ୍ ରଖାଯାଇଛେ । ଇ ପଦକ୍ଷେପ ଜରିଏ ଶିଶୁ ରୋଗୀମାନ୍‌କର ମାନସିକ ସ୍ଥିତି ଭଲ୍ ରଖାଯିବାର୍ ସହେତେ ସେମାନ୍‌କର ସୃଜନଶୀଲତା

ଆଉ ଶିକ୍ଷା ଉପ୍‌ରେ ଭିଲ୍ ଧ୍ୟାନ ରଖାଯାଉଛେ । ଇତାର୍ ଜରିଏ ଛୁଆମାନ୍‌କର ଭିତ୍‌ରେ ସକାରାତ୍ମକ୍ ଚିନ୍ତାଧରା ଆଉ ଆତ୍ମବିଶ୍ୱାସ ବଢ଼୍‌ବା ବଲି ଆଶା କରାଯାଉଛେ ।

ବିଶ୍ୱ ଖାଦ୍ୟ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ସମସ୍ତଙ୍କର୍ ଲାଗି ଖାଦ୍ୟ ନିରାପତାର୍ ଗୁରୁତ୍ୱକେ ଉପଲବ୍ଧି କରିକରି ଫି’ ବଛର୍ ଆଝିର୍ ଦିନ୍‌କେ ବିଶ୍ୱ ଖାଦ୍ୟ ଦିବସ୍ ଭାବେ ପାଲନ୍ କରାଯାଉଛେ । କ୍ଷୁଧା ନିବାରଣ୍‌କେ ନଜର୍‌ଥି ରଖିକରି ସର୍‌କାରୀସ୍ତର୍‌ଥି ନିଆଯାଇଥିବାର୍ ବହୁତ୍‌ଟେ ପଦକ୍ଷେପ୍ ବାବ୍‌ଦେ ଜନସଚେତନତା ବଢ଼ାବାର୍ ଇ ଦିବସ୍‌ର ଉଦ୍ଦେଶ୍ ଆଏ । ବିଶ୍ୱ ଖାଦ୍ୟ ଦିବସ୍‌ର ଇ ବଛ୍‌ରର୍ ବାର୍ତା ରଖାଯାଇଛେ ‘ଉତମ ଖାଦ୍ୟ ଆଉ ଉନ୍ନତ ଭବିଷ୍ୟତ୍ ଲାଗି ସହଯୋଗ୍‌ର ହାତ୍ ବଢ଼ାମା’ । ୧୯୪୫ ମସିହାର୍ ଆଝିର୍ ଦିନେ ମିଳିତ ଜାତିସଂଘର ଖାଦ୍ୟ ଆଉ କୃଷି ସଂଗଠନ୍ ପ୍ରତିଷ୍ଠା କରାଯାଇଥିଲା । ଇ ଦିବସ୍‌କେ ସୋର୍ କରିକରି ଫି’ ବଛର୍ ବିଶ୍ୱ ଖାଦ୍ୟ ଦିବସ୍ ପାଲନ୍ କରାଯାଉଛେ । ୨୦୩୦ ମସିହାତକ୍ ପୁର୍‌ଥି ନ କେହି ଜେନ୍ତା ଭୁକେ ନାଇ ରହେବେ ସେ ଲକ୍ଷ୍ୟ ପୂରଣ ଲାଗି ପଦକ୍ଷେପ୍ ନିଆଯାଉଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ଖାଦ୍ୟ ଦିବସ ଅବ୍‌ସରେ ଶୁଭେଚ୍ଛା ଜନେଇକରି କହିଛନ୍ ସରକାର ରାଏଜେ ପୁଷ୍ଟିକରି ଖାଦ୍ୟ ମିଲ୍‌ବାର୍‌ଟା

ସୁନିଶ୍ଚିତ୍ ବର୍‌ବାର୍ ଆଉ କୁପୋଷଣକେ ପୁରା ଦୂର୍ କର୍‌ବାର ଲାଗି ସଂକଳ୍ପ ବଦ୍ଧ ଆନ୍ ।

ବିଶ୍ୱ ମେରୁଦଣ୍ଡ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମେରୁଦଣ୍ଡ ସ୍ୱାସ୍ଥ୍ୟକେ ତହଁକାବାର ଲକ୍ଷ୍ୟଥି ଆଏଜ୍ ବିଶ୍ୱ ମେରୁଦଣ୍ଡ ଦିବସ୍ ପାଳନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବିଷୟବସ୍ତୁ ରହିଛେ 'ସୁସ୍ଥ ଭବିଷ୍ୟତ୍ ଲାଗି ମେରୁଦଣ୍ଡକେ ସୁରକ୍ଷିତ୍ ରଖ୍‌ମା' । ମେରୁଦଣ୍ଡ ରୋଗ୍ ଆଉ ଅକ୍ଷମତାକେ ଦୁର୍ କର୍‌ବାର ଲାଗି ଇ ବଛର୍ ବାର୍ତାଥି ଜୋର୍ ଦିଆଯାଇଛେ । ୨୦୨୦ ମସିହାଥି ୬ ଶହ ୧୯ ନିୟୁତ ଲୋକ୍ ତଲିଆ ପିଠିର୍ ଯନ୍ତ୍ରଣାଥି ପିଡ଼ିତ୍ ହେଇଥିବା ଗୁଟେ ରିପୋର୍ଟନୁ ଜନାପଡ଼ିଛେ । ୨୦୫୦ ମସିହାତକ୍ ଇ ସଂଖ୍ୟା ୮ ଶହ ୪୩ ନିୟୁତକେ ବଢ଼୍‌ବା ବଲି ଆଶଙ୍କା କରାଯାଉଛେ । ସଚେତନ୍‌ତା ଆଉ ସୁସ୍ଥ ଅଭ୍ୟାସ୍ ଜରିଏ ଇ ସମସ୍ୟାକେ ଦୂର୍ କରାଯାଇ ପାର୍‌ବା ।

ଓଆର୍‌ଏସ୍-ନିର୍ଦ୍ଦେଶନାମା ଆର୍‌ଏନ୍‌ୟୁ/ ସମ୍ବଲପୁର/ ଏକ୍ସ

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ-ଡବ୍ଲ୍ୟୁଏଚ୍‌ଓର ଅନୁମୋଦନ୍ ବିନା ଓ.ଆର୍.ଏସ୍. ଲେବଲ୍ ଲଗାଯାଇ ନାଇପାରେ । ଇ ବାବ୍‌ଦେ ଆଏଜ ଭାରତୀୟ ଖାଦ୍ୟ ସୁରକ୍ଷା ଆଉ ମାନକ କର୍ତୃପକ୍ଷ- ଏଫ୍.ଏସ୍.ଏସ୍.ଏ.ଆଇ ତର୍‌ଫୁ ସବୁ ରାଜ୍ୟ କେନ୍ଦ୍ରଶାସିତ୍ ଅଂଚଲ୍‌କେ ଚିଠି କରି କରି ନିର୍ଦ୍ଦେଶ ଦିଆଯାଇଛେ । ଓଆର୍‌ଏସ୍ ଭୁଲ୍ ଭାବେ ବେଭାର୍ ହେଲେ ବିପଦ୍ ହେଇପାରେ । ଇତାକେ ନଜର୍‌ଥି ରଖିକରି ଏଫ୍.ଏସ୍.ଏସ୍.ଏ.ଆଇ ତର୍‌ଫୁ ଇ ନିର୍ଦ୍ଦେଶନାମା ଜାରି କରାଯାଇଛେ । ଇତାର୍ ସହେତେ ଖାଦ୍ୟ ସୁରକ୍ଷା ଆଉ ମାନକ ଆଇନ ୨୦୦୬ ଆଉ ନିୟମାବଲୀର୍ ଭିଲ୍ କଡ଼ା ଅନୁପାଲନ୍ କର୍‌ବାର୍‌କେ ନିର୍ଦ୍ଦେଶ ଦିଆଯାଇଛେ ।

ସମବାୟ ନୀତି କର୍ମଶାଲା ସମ୍ବଲପୁର ସମ୍ବାଦଦାତା

ରାଜ୍ୟ ସମବାୟ ବିଭାଗ ତର୍‌ଫୁ ସମ୍ବଲପୁରଠାନେ ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୦୫ ଆଂଚଲିକ୍ କର୍ମଶାଲା ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲପାଲ ସିଦ୍ଧେଶ୍ୱର ବଲିରାମ ବୋନ୍ଦର, ଡାଫ୍ଟିଙ୍ଗ୍ କମିଟି ସଭ୍ୟ ଯୋଗେଶ୍ୱର ବାବୁ, ସାଂସଦ ପ୍ରତିନିଧି ଚନ୍ଦ୍ରଶେଖର ପଣ୍ଡା ଯୋଗ୍ ଦେଇକରି ନୂଆ ସମବାୟ ନୀତି ବାବ୍‌ଦେ ଆଲୋଚନା କରିଥିଲେ । ଗାଁ ଇଲାକାର ସମବାୟ ଭିତିଭୂମିକେ ବର୍‌କସ୍ ବର୍‌ବାର, ଫି ଗାଁ ନ ଗୁଟେ କୃଷି ସମବାୟ ସମିତି ଗଠନ,

ସହଜ୍ କୃଷି ଋଣ ଯୋଗଇେ ଦେବାର, ଆଦର୍ଶ ସେବା ସମବାୟ ସମିତି ଗଠନ୍ ବାବ୍‌ଦେ କର୍ମଶାଲାଥି ଆଲୋଚନା କରାଯାଇଥିଲା ।

ବିଦ୍ୟାଳୟ ସମୂହ କ୍ରୀଡ଼ା ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତର୍‌ଫୁ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍‌ଠାନେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ୧୪ନୁ ୧୭ ବଛର ବଏସର୍ ଛାତ୍ରଛାତ୍ରୀମାନ୍‌କର କ୍ରୀଡ଼ା ଚୟନ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କର ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅନୀଲ କୁମାର ମିଶ୍ର ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର ୩ ବ୍ଲକ୍‌ର ୬ଟା ଜୋନ୍‌ନୁ ବଛା ହେଇକରି ଆସିଥିବା ଛାତ୍ରଛାତ୍ରୀମାନେ ଭାଗ୍ ନେଇଛନ୍ । ସେମାନ୍‌କର ଭିତ୍‌ରେ ଦୁଇଦିନ୍ ତକ୍ ଫୁଟ୍‌ବଲ, ଖୋଖୋ, କବାଡ଼ି, କ୍ରିକେଟ, ଯୋଗ, ଦୌଡ଼କୁଦ ପ୍ରତିଯୋଗିତା ହେବା ।

ଦୀପାବଳୀ ବିକ୍ରୟ କେନ୍ଦ୍ର ସୁବର୍ଣ୍ଣପୁର ସମ୍ବାଦଦାତା

ଓର୍ମାସ୍, ପଂଚାୟତିରାଜ ଆଉ ପାନୀୟ ଜଲ୍ ବିଭାଗ୍ ତର୍ଫୁ ସୁବର୍ଣ୍ଣପୁର ଜିଲ୍ଲା ବ୍ଲକ୍ ଛକ ପାଖେ ଦୀପାବଳି ଉତ୍ସବ ବିକ୍ରୟ କେନ୍ଦ୍ରକେ ଜିଲ୍ଲାପାଲ ନୃପରାଜ ସାହୁ ଉଦ୍‌ଘାଟନ୍ କରିଛନ୍ । କେନ୍ଦ୍ରର ସବୁ ଦୁକାନ୍ ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ତିଆର୍ କରିଥିବା ଭିନ୍ ଭିନ୍ ରକ୍‌ମର ଟେରାକୋଟା ଦରବ୍, ଧୂପକାଠି, ମାଟିର ଦୀପ ବିକ୍ରି କରାଯାଉଛେ । କେନ୍ଦ୍ରକେ ଉଦ୍‌ଘାଟନ୍ କରି କରି ଜିଲ୍ଲାପାଲ୍ ଶ୍ରୀ ସାହୁ ଲୁକ୍‌କର ଦର୍‌କାର୍ ଅନ୍‌ସାରେ ଦରବ୍ ତିଆର୍ କରି କରି ବିକ୍‌ବାର୍ ଲାଗି ତହଁକେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପୁରାପୁରି ଭାବେ ଫିରିଯାଇଛେ । ଇ ସମିଆ ଭିତ୍‌ରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶର ସମୁଦ୍ର ଖଣି ଇଲାକା, ଦକ୍ଷିଣ ଆଭ୍ୟନ୍ତରୀଣ କର୍ନାଟକ୍ ଆଉ କେରଲ୍‌ର ମାହେଠାନେ ଉତର ପୂର୍ବ ମୌସୁମୀ ବାୟୁ ପ୍ରଭାବ୍‌ଥି ବର୍ଷା ମୁଲ୍ ହେଇଛେ । ଗଲା ୨୪ ଘଂଟା ଭିତ୍‌ରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର୍ କଲାହାଣ୍ଡି ଜିଲ୍ଲା ଗୁଟେ ଦୁଇଟା ଜାଗାନ ବର୍ଷା ହେଇଛେ । ଆଏବା ୨୪ ଘଂଟା ଭିତ୍‌ରେ କଲାହାଣ୍ଡି, କନ୍ଧମାଲ ଆଉ ରାୟଗଡ଼ା ଜିଲ୍ଲା ଗୁଟେ କି ଦୁଇଟା ଜାଗାନ ବିଜ୍‌ଲି ଘଡ଼ଘଡ଼ି ସାଙ୍ଗେ ବର୍ଷାକେ

ନେଇକରି ଭୁବନେଶ୍ୱର ଆଂଚଳିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତରଫ୍ରୁ ସତର୍କ ସୂଚ୍ନା ଜାରି କରାଯାଇଛେ ।